# ଓପନ୍ ଏଜୁକେସନ୍ ରିସୋର୍ସ ସମ୍ପର୍କିତ କର୍ମଶାଳା




ଭୁବନେଶ୍ୱର, ୨୫।୧୦(ବ୍ୟୁରୋ): ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଓପନ୍ ଏଜୁକେସନ୍ ରିସୋର୍ସ ଉପରେ ତିନି ଦିନିଆ କର୍ମଶାଳା ଆୟୋଜିତ ହୋଇଛି । ସ୍ଥାନୀୟ ନ୍ୟାସନାଲ ଏକାଡେମୀ ଅଫ୍ ବ୍ରଡ୍‌କାଷ୍ଟିଂ ଏଣ୍ଡ ମଲ୍ଟିମିଡ଼ିଆ(ଏନଏବିଏମ୍)ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କର୍ମଶାଳାରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଅନେକ ଅଧ୍ୟାପକ ଓ ଶିକ୍ଷାବିତ୍‌ମାନେ ଯୋଗଦେଇଥିଲେ ।

ଆୟୋଜିତ କର୍ମଶାଳାରେ ମୁଖ୍ୟ ବିଷୟ ବିଶେଷଜ୍ଞ ଭାବେ ପ୍ରଫେସର ମୋହନ ମେନନ୍ ଯୋଗ ଦେଇଥିଲେ । ସେ କହିଥିଲେ, ସମୟ ସାଙ୍ଗରେ ତାଳ ଦେଇ ଆଧୁନିକ ପ୍ରଯୁକ୍ତି ବିଦ୍ୟାରେ ବ୍ୟାପକ ପରିବର୍ତ୍ତନ ଆସିଛି । ଏବେ ପ୍ରଯୁକ୍ତି ବିଦ୍ୟା ସହ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ପାଠ୍ୟପୁସ୍ତକକୁ ସଭିଙ୍କ ପାଇଁ ମୁକ୍ତ କରିବାର ସମୟ ଆସିଛି । ଏହାଦ୍ୱାରା ଆମେ ଅପହଞ୍ଚ ଲୋକଙ୍କ ପାଖରେ ପହଞ୍ଚି ପାରିବା ।

ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏନ୍ଏବିଏମ୍‌ର ମୁଖ୍ୟ ପି.କେ ପତି ଯୋଗଦେଇ କହିଥିଲେ, ଯଦି ଆମେ ମୂଲ୍ୟଯୁକ୍ତ ଓ ଶୁଦ୍ଧ ବିଷୟବସ୍ତୁ ଉପରେ ଆଧାରିତ ପାଠ୍ୟପୁସ୍ତକ ଯୋଗାଇ ଦେବା,ତେବେ ଏହା ଶିକ୍ଷାର ମାନ ବୃଦ୍ଧି କରିବାରେ ସହାୟକ ହେବ । କମନ୍‌ୱେଲଥ ଏଜୁକେସନ୍ ଏଣ୍ଡ ମିଡ଼ିଆ ସେଣ୍ଟର୍ ଫର୍ ଏସିଆର ପ୍ରୋଗ୍ରାମ ଅଫିସର୍ ଡ. ମାନସ ରଂଜନ ପାଣିଗ୍ରାହୀ ଏହି ଅବସରରେ ମୁକ୍ତ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ । କୁଳପତି ଜୟନ୍ତ କରଶର୍ମାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅଧ୍ୟାପକ ଜ୍ୟୋତି ପ୍ରକାଶ ମହାପାତ୍ର ଧନ୍ୟବାଦ ଦେଇଥିଲେ । ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଏବେ ୧୪ଟି ବିଷୟରେ ଡିପ୍ଲୋମା ଏବଂ ସାର୍ଟିଫିକେଟ୍ ପାଠ୍ୟକ୍ରମ ପ୍ରଦାନ କରୁଛି ।